PR No - 1324/2024

OFFICE OF THE TAHASILDAR BARIPADA

# ତହସିଲଦାରଙ୍କ କାର୍ଯ୍ୟାଳୟ,ବାରିପଦା

**ଇସ୍ତାହାର** (ରେଭିନ୍ୟୁ ମିସ କେସ ନଂ- ୩/୨୦୨୪)

( ସରକାରୀ ଜମିର କିସମ ପରିବର୍ତ୍ତନ ସମ୍ବନ୍ଧେ )

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉଅଛି ଯେ, ନିମ୍ନ ତଫସିଲ ବର୍ଣ୍ଣିତ ଜମି ***ଓଡିଶା ସରକାର,*** **ବାଣିଜ୍ୟ ଓ ପରିବହନ ବିଭାଗଙ୍କୁ ଆନ୍ତ ରାଜ୍ୟ ବସ ଟର୍ମିନାଲ, ବାରିପଦା *ନିର୍ମାଣ*** ନିମନ୍ତେ ଏଲାଇନେସନ ସୂତ୍ରେ ବନ୍ଦୋବସ୍ତ କରିବାର ପ୍ରସ୍ତାବ ହୋଇଅଛି । ଯେହେତୁ ଉକ୍ତ ଜମି ସରକାରୀ ଅନାବାଦୀ ଖାତାରେ କିସମ ଘରବାରି- ୧ ଏବଂ ଘରବାରି- ୨ ରହିଅଛି ତାହାର ପରିବର୍ତ୍ତନ ଆବଶ୍ୟକ ହେଉଅଛି | ଏଣୁ ଏହି ପରିବର୍ତ୍ତନରେ କାହାର କୌଣସି ଆପତ୍ତି ଅଭିଯୋଗ ଥିଲେ ଇସ୍ତାହାର ଜାରି ହେବାର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଆବଶ୍ୟକ କୋର୍ଟ ଫି ଲଗାଇ ଲିଖିତ ଆକାରରେ ଆପତ୍ତି ଅଭିଯୋଗ ଜଣାଇବେ । ମିଆଦ ଗତେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

**ତଫସିଲ**

ମୌଜାର ନାମ- ବିଜୟରାମଚନ୍ଦ୍ରପୁର ଥାନାର ନାମ :- ବାରିପଦା ନଂ:- ୧୧୭

| ଖାତା ନଂ | ପ୍ଲଟ ନଂ | ରକବା (ଏକରରେ) | ବର୍ତ୍ତମାନର କିସମ | ଆବଶ୍ୟକ ପରିବର୍ତ୍ତିତ ଖାତା |
|---|---|---|---|---|
| ୧୩୭ (ଅନାବାଦୀ) | ୨୨/୩୭୫୪/୧ | ଏ. ୦.୩୭୦ | ଘରବାରି- ୧ | କିସମ- ପତିତ |
| | ୨୩/୩୭୫୫/୧ | ଏ. ୪.୦୫୫ | ଘରବାରି- ୧ | |
| | ୨୬/୩୭୫୬/୧ | ଏ. ୦.୦୧୫ | ଘରବାରି- ୨ | |
| ମୋଟ | | ଏ. ୪.୪୪ | | |

ଏହାର ଏକକିତା ନକଲ ବିଜୟରାମଚନ୍ଦ୍ରପୁର ମୌଜାରେ ଡେଙ୍ଗୁରା ଦ୍ୱାରା ଜାରି କରିବାକୁ ପଠାଗଲା । ଏହାର ଏକକିତା ନକଲ ମ୍ୟୁନିସିପାଲଟି ଅଫିସ,ବାରିପଦା / ରାଜସ୍ୱ ନିରୀକ୍ଷକ, ବାରିପଦା-୩ ଙ୍କ ନୋଟିସ ବୋର୍ଡରେ ପ୍ରକାଶନ କରିବାକୁ ପଠାଗଲା । ସେମାନଙ୍କ ମତାମତ ଯଦିଥାଏ, ତେବେ ନିର୍ଦ୍ଧାରିତ ତାରିଖ ମଧ୍ୟରେ ପଠାଇବାକୁ ଅନୁରୋଧ ।

ଏହାର ଏକକିତା ନକଲ ବାରିପଦା ତହସିଲ ଅଫିସ ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜାରି କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ ବାରିପଦା ଙ୍କ ଅବଗତି ଏବଂ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜାରି କରାଗଲା ।

ତହସିଲଦାର, ବାରିପଦା

TAHASILDAR BARIPADA